ସମ୍ବାଦ

## ପ୍ରଫୁଲ୍ଲ ମହାନ୍ତିଙ୍କୁ କେନ୍ଦ୍ର ସାହିତ୍ୟ ଅକାଦେମି ଫେଲୋସିପ୍

# 'ଗାଁ'କୁ ଆମ ଭିତରେ ବଂଚାଇ ରଖିବା ଜରୁରି'

ନୂଆଦିଲ୍ଲୀ, ୧୫/୧୧ (ଇମିସ): 'ମୁଁ ଗାଁ ପିଲା, ଗାଁରୁ ଆସିଛି। ଗାଁ ବିନା ଆମେ ସଫଳ ନୋହୁଁ।ଏହାକୁ ଆମ ଭିତରେ ବଞ୍ଚେଇ ରଖିବା ଜରୁରି।' ଆଜି କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ସର୍ବୋଚ୍ଚ ସମ୍ମାନ 'ଅନରାରି ଫେଲୋସିପ-୨୦୨୨' ଗ୍ରହଣ କରିବା ଅବସରରେ ଏହା କହିଛନ୍ତି ପ୍ରଖ୍ୟାତ ଲେଖକ ଓ ଚିତ୍ରକର ପ୍ରଫୁଲ୍ଲ ମହାନ୍ତି।

ଯାଜପୁର ଜିଲ୍ଲା ନାନପୁର ଗାଁ ଜନ୍ମିତ ଶ୍ରୀ ମହାନ୍ତି ତାଙ୍କ ଜୀବନର ସଂଘର୍ଷ କାହାଣୀ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ, ଲଣ୍ଡନରେ ରହିଲେ ମଧ୍ୟ ମୋର ଗାଁ କଥା ମନେ ପଡୁଥିଲା। ଗାଁକୁ ଜୀବନ୍ତ ରଖିବା ପାଇଁ ମୁଁ ଏବେ ବି ଚେଷ୍ଟା ଜାରି ରଖିଛି।' ଆହୁରି ମଧ୍ୟ କହିଥିଲେ, 'ଏହି ସମ୍ମାନ ମୋର ନୁହେଁ, ଏହାକୁ ମୁଁ ଗାଁକୁ ସମର୍ପିତ କରୁଛି।'

୮୮ ବର୍ଷୀୟ ଶ୍ରୀ ମହାନ୍ତିଙ୍କୁ କେନ୍ଦ୍ର ସାହିତ୍ୟ ଅକାଦେମିର ଅଧ୍ୟକ୍ଷ ଡ.ଚନ୍ଦ୍ରଶେଖର କମ୍ବର 'ଅନରାରି ଫେଲୋସିପ-୨୦୨୨' ରେ ସମ୍ମାନିତ କରିବା ସହିତ ତାଙ୍କର ବହୁମୁଖୀ ପ୍ରତିଭାକୁ ପ୍ରଶଂସା କରିଥିଲେ। କେନ୍ଦ୍ର ସାହିତ୍ୟ ଅକାଦେମିର ଉପାଧ୍ୟକ୍ଷ ମାଧବ କୌଶିକ ତାଙ୍କର ସମ୍ବୋଧନରେ ଶ୍ରୀ ମହାନ୍ତିଙ୍କୁ 'ରିୟଲ୍ ସନ୍ ଅଫ୍ ଦି ସଏଲ୍' ବା 'ମାଟିର ପ୍ରକୃତ ସନ୍ତାନ' ବୋଲି କହିଥିଲେ। ଅକାଦେମିର ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ସହିତ ମାନପତ୍ର ପାଠ କରିଥିଲେ।

କାର୍ଯ୍ୟକ୍ରମରେ ଅକାଦେମିର ଓଡ଼ିଶା ଉପଦେଷ୍ଟା ବୋର୍ଡର ଆବାହକ ଡ. ବିଜୟାନନ୍ଦ ସିଂହ ଶ୍ରୀ ମହାନ୍ତିଙ୍କ ବିଭିନ୍ନ ଉପଲବ୍ଧି ତଥା କୃତି ସଂପର୍କରେ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଆଇଏଏସ୍ ସତ୍ୟାନନ୍ଦ ମିଶ୍ର ଓ ଦେବଦାସ ଛୋଟରାୟ, ଅବସରପ୍ରାପ୍ତ ଆଇଏଫ୍ଏସ୍ ଅମରେନ୍ଦ୍ର ଖଟୁଆ, ସାହିତ୍ୟିକା ଯଶୋଧାରା ମିଶ୍ର, ବିଶିଷ୍ଟ ଚିତ୍ରକାର ଯତିନ ଦାସ, ପଲ୍ଲୀବାଣୀ ଅଧ୍ୟକ୍ଷ ରାମଚନ୍ଦ୍ର ନାଥଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।




ଏହି ଅବସରରେ ଶ୍ରୀ ମହାନ୍ତି 'ସମ୍ବାଦ'କୁ କହିଛନ୍ତି , କେନ୍ଦ୍ର ସାହିତ୍ୟ ଅକାଦେମି ଦ୍ୱାରା ଏଭଳି ଏକ ମର୍ଯ୍ୟାଦାଜନକ ସମ୍ମାନ ତାଙ୍କ ପାଇଁ ଏକ ବଡ଼ ଉପଲବ୍ଧି। ସେ ଏଥିପାଇଁ କେନ୍ଦ୍ର ସାହିତ୍ୟ ଅକାଦେମିକୁ ଧନ୍ୟବାଦ ଜଣାଇବା ସହ ଏହା ତାଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ।


महत्तर सदस्यता अर्पण
Presentation of Honorary Fellowship
Prafulla Mohanti, Eminent writer and scholar